# ତହସିଲ କାର୍ଯ୍ୟାଳୟ,ଆଗଲପୁର , ଜିଲ୍ଲା.ବଲାଙ୍ଗିର,

ବିଜ୍ଞାପନ ସଂଖ୍ୟା.1870 // ତା. 08. 9. 2022

**ଲଘୁଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ**

## <u>ବିଜ୍ଞାପନ</u>

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ–୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ–୨୦୧୬ ଅନୁଯାୟୀ)

ଅନୁସ୍ମାରକ- ଏହି କାର୍ଯାଳୟ ବିଜ୍ଞାପନ ସଂଖ୍ୟା ୧୭୩୭ ତା. ୨୬.୮.୨୦୨୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଆଗଲପୁର ତହସିଲ ଅଧିନରେ ଥିବା(ସାରଣୀ-୧ ଦର୍ଶାଯାଇଥିବା) ଲଘୁ ଖଣିଜ ଦ୍ରବ୍ୟ ସୈରାତ ଉତ୍ସର ୨୦୨୨-୨୩ ଅନୁନ୍ୟ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୁତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି । ଇଚ୍ଛୁକ ବ୍ୟକ୍ତି, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ–୨୦୧୬ ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ (**Form-M**) ପୁରଣ କରି ଏହାର ତିନିକିତା କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟରେ ଥିବା **Drop Box** ରେ ଆସନ୍ତା ତାରିଖ ୨୭/୦୯/୨୦୨୨ ଅପରାହ୍ନ ୦୫.୩୦ ଘଟିକା ସୁଦ୍ଧା ଜଉମୁଦ ଲଫାପା (**Sealed Cover**)ରେ ପକାଇବେ । ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଦରଖାସ୍ତ ଗୁଡିକୁ ଉପସ୍ଥିତ ଲିଜ୍ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତାରିଖ ୨୮/୦୯/୨୦୨୨ ପୂର୍ବାହ୍ନ ଘ.୧୧.୩୦ ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଖୋଲାଯାଇ ତନଖି କରାଯିବ । ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲିଟି ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସଂପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ମୂଲ୍ୟ ଦର୍ଶାଇଥିଲେ, ଲଟେରି ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଇଚ୍ଛୁକ ବ୍ୟକ୍ତି ରେଜିଷ୍ଟ୍ରି ଡାକ ଜ୍ଞାତି ପତ୍ର ଦ୍ୱାରା ଦରଖାସ୍ତ ନିର୍ଦ୍ଧାରିତ ତାରିଖ ସୁଦ୍ଧା ପଠାଇ ପାରିବେ । ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା **Website- http://balangir.nic.in** ରେ ଉପଲବ୍ଧ ଅଟେ କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ଅଛି)। ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାର ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କ ରହିଅଛି।

ପୁନଶ୍ଚ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ,ଉକ୍ତ ଉତ୍ସ ପାଇଁ ନିର୍ଦ୍ଧାରିତ ତାରିଖ ସୁଦ୍ଧା କୌଣସି ଦରଖାସ୍ତ ଚୁଡାନ୍ତ ହୋଇ ନ ପାରିଲେ, ଦ୍ୱିତୀୟ ପର୍ଯାୟରେ ତା.୦୭.୧୦.୨୦୨୨,ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ଓ ତୃତୀୟ ପର୍ଯାୟରେ ତା. ୧୪.୧୦.୨୦୨୨ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ଦରଖାସ୍ତ ସମାନ ଢଙ୍ଗରେ ଗ୍ରହଣ କରି ଉକ୍ତ ତାରିଖରେ ଅପରାହ୍ନ ୨.୦୦ ଘଟିକାରେ ତନଖି କରାଯିବ ।

08/09/22

ତହସିଲଦାର, ଆଗଲପୁର

Tahasildar
Agalpur

## ଦାଖଲ କରିବାକୁ ଥିବା ଦଲିଲ୍ ଓ କାଗଜାତ୍

୧ ଦରଖାସ୍ତକାରୀ ତିନିକିତା ଦରଖାସ୍ତ FORM-M ରେ ଦାଖଲ କରିବେ ।

୨. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ

*("0853-Non-ferrous mining &Metallurgical 102-mineral Concession fees ,rents & royalties- 0217- receipts under Odisha minor Minerals concession fees (new)- 02021-collection of fees, rents &royalties (new)"*

୩. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ,ଖାତା ନଂ, ପ୍ଲଟ ନଂ, ରକବା ଏବଂ କିସମ ର ସଠିକ ତଥ୍ୟ ଲେଖିବା ବିଧେୟ ।

୪. ସାରଣୀ- ୧ ରେ ଦର୍ଶାଯାଇଥିବା EMD ମୂଲ୍ୟର BANK DRAFT, Tahasildar, Agalpur payable at SBI, Loisingh ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରି ନ ଥିବା ନିଲାମଧାରୀଙ୍କ EMD ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରିକୃତ ହେଲା ପରେ ଓ ବ୍ୟକ୍ତିବିଷେଷ ଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ।

[ EMD i.e. 5% of { Minimum Guaranteed Quantity x (Royalty + Additional Charges)}]

୫. କୌଣସି ମାଇନିଙ୍କ ବାବଦକୁ ବକେୟାଦେୟ ନ ଥିବା ନେଇ ଏକ ସତ୍ୟପାଠ ।

୬. Solvency Certificate ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା କିମ୍ବା ବ୍ୟାଙ୍କ ଗ୍ୟାରେଂଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୁଲ୍ୟ { Minimum Guaranteed Quantity x (Royalty + Additional Charges (Quoted))}] ସହିତ ସମାନ କିମ୍ବା ତାଠାରୁ ଅଧିକ ହୋଇଥିବା ଦାଖଲ କରିବା ହେବେ। ଏହା ସହ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ସ୍ଥାବର ସଂପତିର ପ୍ରମାଣପତ୍ର ଦାଖଲ କରିବେ ।

୭. Income Tax Clearance କିମ୍ବା ଗତ Assessment year ର IT return ର ନକଲ ପ୍ରଦାନ କରିବେ ।

୮. ଫର୍ମ " M "ରେ ଥିବା କ୍ରମିକ ନମ୍ବର ୫ ରେ Rate of Royalty(per cubic meters) ପରିବର୍ତ୍ତେ rate of Additional charge (per cubic Meters) quote କରିବାକୁ ପଡ଼ିବ ।

08/09/22

ତହସିଲଦାର, ଆଗଲପୁର

Tahasildar
Agalpur

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ (OMMC Rule-2004) ଓ OMMC Rule-2016, OMMC (Amendment) Rules,2017 & 2018 ପରିସର ଭୂକ୍ତ ରହିବେ।

୨. ପ୍ରଚଳିତ ନିୟମ ଅନୁଯାୟୀ ନିର୍ଦ୍ଧାରିତ ଅତିରିକ୍ତ ଦେୟ (Additional Charges)ର ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମ ଧାରି ଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟର (Additional Charges)ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩. ସର୍ବୋଚ୍ଚ ରୟାଲଟି ଓ (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ।

୪. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ଓ (Additional Charges) ଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରାଯିବ ।

୫. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

୬. ଲିଜ ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କତୃପକ୍ଷ ଦାୟୀ ରହିବେ ନାହିଁ ।

୭. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କତୃପକ୍ଷ ଦାୟୀ ରହିବେ ନାହିଁ ।

୮. ସର୍ବୋଚ୍ଚ ଲିଜଧାରୀ ମାଇନିଙ୍ଗ୍ ପ୍ଲାନ (Mining Plan ) ର ଖର୍ଚ୍ଚ ବହନ କରିବେ । ଏଥିସହିତ Environment Clearance ର ଖର୍ଚ ଓ ନିର୍ଦ୍ଧାରିତ Security deposit ମଧ ଦାଖଲ କରିବାକୁ ପଡିବ ।

୯. ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲିଟି ଓ (Additional Charges) ରାଶି କୁ ଗୁଣନକଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି (Mining Plan) ଓ Environmental Clearance ଆଣି ସାରିଲା ପରେ ପୈଠକରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ନିଜ ଖର୍ଚ୍ଚ ରେ ଓଡିଶା ଖଣି ଆକ୍ଟ ୧୯୦୮ ଓ ପ୍ଲାନ୍ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (**Lease Deed**)ସଂପାଦନ କରିବେ ।

08/07/22

ତହସିଲଦାର, ଆଗଲପୁର

Tahasildar
Agalpur

୧୦. ଲିଜ ଧାରୀ ଲିଜ୍ ବାବଦ କୁ ପ୍ରଦାନ କରିବାକୁଥିବା ମୋଟ ରୟାଲ୍ଟି ଓ (Additional Charges) ଦେୟର ଶତକଡା ୫ ଭାଗ Environmental Management Fund ତହସିଲଦାର୍ ଙ୍କ ପାଖରେ ଦାଖଲ କରିବେ ।

୧୧. ଲିଜଧାରୀ ଲିଜ୍ ବାବଦ କୁ ପ୍ରଦାନ କରିବାକୁଥିବା ମୋଟ ରୋୟଲଟି ଓ (Additional Charges) ଦେୟ ର ୧୦% District Mineral Fund ବାବଦକୁ ତହସିଲଦାର ଙ୍କ ପାଖରେ ଦାଖଲ କରିବେ ।

୧୨. ପରିବେଶ ସମ୍ବନ୍ଧୀୟ ଅନୁମତି (Environmental Clearance) ଲିଜଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୩. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇ ଥିବା ଜମା ରାଶିକୁ ବ୍ୟାଜାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୪.ଲିଜଧାରୀ ସୈରାତ ଉପର ନକ୍ସା ଅନୁଯାୟୀ concrete pillar ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରିସେଥିରେ ସୈରାତ ଉପର ନକ୍ସା ନାମ ତଥା ମଞ୍ଜୁର ହେଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବା ସହିତ ବିଜ୍ଞାପନ ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

୧୫. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୬. ଲିଜ ସମ୍ବନ୍ଧୀୟ ସର୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖିପାରିବେ ।

୧୭. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ରହିଛି ।

୧୮. ଜମା ମୋଟ ରୟାଲଟି ଓ (Additional Charges)ର ୨% ଲିଜଧାରୀ ଆୟକର (T.D.S.) ବାବଦକୁ ଚାଲାଣ ଆକାରରେ ଜମାକରିବେ ।

୧୯. ଲିଜଧାରୀଙ୍କୁ ରୟାଲଟି ସହିତ ନିର୍ଦ୍ଧାରିତ Surface Rent ଏବଂ Dead Rent ମଧ୍ୟ ପଇଠ କରିବାକୁ ପଡିବ ।

୨୦. ଲିଜଧାରୀଙ୍କୁ ଉପରୋକ୍ତ ସମସ୍ତ ଦେୟ ଆର୍ଥିକ ବର୍ଷ ଆରମ୍ଭରୁ ଦେବାକୁ ହେବ ।

୨୧. ଲିଜ ଅବଧି ମଧ୍ୟରେ Shedule-II ରେ ଉଲ୍ଲେକ୍ଷିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରର ଅଭିବୃଦ୍ଧି ହେଲେ ଓ ସଂପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ କରିଥିବା ରୟାଲଟି ଠାରୁ ଅଧିକ ହୋଇଥାଏ ତାହେଲେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଦାଖଲ କରିବେ ।

୨୨.ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ, ରଦ୍ଦ କରିପାରିବେ ।

08/09/22

ତହସିଲଦାର, ଆଗଲପୁର

Tahasildar
Agalpur

ଜ୍ଞାପକ ସଂଖ୍ୟା. 1811 ତାରିଖ 08-9-2022

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ଉପଜିଲ୍ଲାପାଳ, ବଲାଙ୍ଗିର /ଗୋଷ୍ଠି ଉନ୍ନୟନ ଅଧିକାରୀ, ଆଗଲପୁର /ଭାରପ୍ରାପ୍ତ ଥାନା ଅଧିକାରୀ, ଆଗଲପୁର, ସାଲେଭଟା / ସମସ୍ତ ରାଜସ୍ୱ ନିରୀକ୍ଷକ, ଆଗଲପୁର ତହସିଲର /ସମ୍ପୃକ୍ତ ଗ୍ରାମ/ଗ୍ରାମ ପଞ୍ଚାୟତ ର ସରପଞ୍ଚ ଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ଆଗଲପୁର ଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

08/09/22

ତହସିଲଦାର, ଆଗଲପୁର

Tahasildar
Agalpur

ଜ୍ଞାପକ ସଂଖ୍ୟା. 1812 ତାରିଖ 08-9-2022

ଏହାର ଏକକିତା ନକଲ District Informatics Officer, NIC, Balangir ଙ୍କୁ http://balangir.nic.in ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଓଡିଶା ସରକାର,ଭୁବନେଶ୍ୱର/ ବଲାଙ୍ଗିର ଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖବର କାଗଜରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

08/09/22

ତହସିଲଦାର, ଆଗଲପୁର

Tahasildar
Agalpur

ସାରଣୀ ନଂ-୧

| କ୍ର. ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | | MGQ (in Cu.m) per annum | ରୟାଲଟି ମୂଲ୍ୟ (per cum) | ଅତିରିକ୍ତ ଦର | EMD |
|---|---|---|---|---|---|---|---|---|---|---|
| | | | | | ଏକର | ହେକ୍ଟର | | | | |
| ୧ | ସାଲେଭଟା ବାଲି ଖୋଦାନ | ସାଲେଭଟା | ୪୧୦ | ୨୨୯୧ | ୬.୪୦ | ୨.୫୯ | ୧୫୦୦୦ | ଟ.୩୫/- | ଟ.୮୧/- | ଟ.୮୭୦୦୦/- |
| | | ରଫାଖାଲ | ୭୯ | ୯୩୧ | ୫.୬୧ | ୨.୨୬ | | | | |

08/09/22

ତହସିଲଦାର, ଆଗଲପୁର

Tahasildar
Agalpur